# Akashvani, Sambalpur

## SAMBALPURI NEWS EVENING BULLETIN

## 21 July 2025- 7.02 pm- 7.12 pm.

*********************************************

୧- ବିରୋଧୀଙ୍କର୍ ହୋହଲ୍ଲା ଲାଗି ସଂସଦ୍‌ର ଦୁହି ଗୃହ ଆଏବାକାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍ନା ।

- ସର୍‌କାର୍ ସବୁ ପ୍ରସଙ୍ଗଥି ଆଲୋଚନା କର୍‌ବାର୍‌କେ ଅଛନ୍ ତୟାର୍-କହେଲେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ।

୨- ରାଏଜେ ପ୍ଲାଷ୍ଟିକ୍ ବୋତଲ୍‌ଥି ପେଟ୍ରୋଲ୍ ଆର୍ ଡିଜେଲ୍ ବିକ୍‌ଲେ ନିଆଯିବା କଡ଼ା କାର୍ଯ୍ୟାନୁଷ୍ଠାନ୍- କହେଲେ ଯୋଗାଣମନ୍ତ୍ରୀ ।

୩- ଓଡ଼ିଶା ହାଇକୋର୍ଟର ନୂଆଁ ବିଚାର୍‌ପତି ଭାବେ ଶପଥ୍ ନେଲେ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍ ।

ଆଉର୍

୪- ଯୁକ୍ତ ଦୁଇ ନାଁଲେଖା ଲାଗି ବାହାର୍‌ଲା ୨ ନମ୍ବର୍ ଖେପ୍ ମେଧା ତାଲିକା ।

ସଂସଦ୍‌ର ମୌସୁମୀ ଅଧିବେଶନ ଏନ୍‌ଏସ୍‌ଡି/ଏକ୍ସ

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏଜ୍ ମୁଲ୍ ହେଇଛେ । ପହେଲା ଦିନ ଦୁହି ଗୃହ ନ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ବାର୍ ବାର୍ ଗୃହ ମୁଲ୍‌ତବୀ ହେଇଥିଲା । ଶେଷେ ଆଏବା କାଏଲ୍‌ତକ୍ ଦୁହି ଗୃହକେ ମୁଲ୍‌ତବୀ ଘୋଷ୍‌ନା କରାଯାଇଥିଲା ।

ଆଏଜ୍ ଦିନର୍ ୧୧ ବଜେ ଲୋକ୍‌ସଭା ନ ଗୃହ କାର୍ଯ୍ୟ ମୁଲ୍ ହେଲା ଉତ୍‌ରୁ ଆଘର୍ ୮ ଝନ୍ ଦିବଙ୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଲି ଦିଆଯାଇଥିଲା । ପେହେଲ୍‌ଗାମ୍ ଆତଙ୍କ୍‌ବାଦୀ ଆକ୍ରମଣ୍ ଆଉ ଏୟାର୍ ଇଣ୍ଡିଆ ବିମାନ୍ ଦୁର୍ଘଟଣାର୍ ମୃତକ୍ ମାନ୍‌କୁ ଭିଲ୍ ଶ୍ରଦ୍ଧାଞ୍ଜଲି ଦିଆଯାଇଥିଲା । ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଲୋକ୍‌ସଭା ନ ବିରୋଧୀ ସଦସ୍ୟମାନେ ଅପରେସନ୍ ସିନ୍ଦୁର୍ ସହେତେ ଭିନ୍ ଭିନ୍ ବିଷେଥି ହୋହଲ୍ଲା କର୍‌ବାର୍‌ନୁ ବାଚସ୍ପତି ଓମ୍ ବିର୍ଲା ମଏଧାନର୍ ୧୨ ନୁ ୨ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୨ ବଜେ ଗୃହ କାର୍ଯ୍ୟ ମୁଲ୍ ହେବାର୍‌ନୁ ଫେର୍ ହୋହଲ୍ଲା ମୁଲ୍ ହେବାର୍‌ନୁ ବାଚସ୍ପତି ୪ ବଜେତକ୍ ଗୃହକେ ମୁଲ୍‌ତବୀ କରିଥିଲେ । ୪ ବଜେ ଭିଲ୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଆଏବା କାଏଲ୍ ଦିନର୍ ୧୧ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ବିରୋଧୀଙ୍କର୍ ହୋହଲ୍ଲା ଭିତ୍ରେ କେନ୍ଦ୍ରାପଡ଼ା ସାଂସଦ୍ ବୈଜୟନ୍ତ ପଣ୍ଡା ଆଏଜ୍ ଲୋକ୍ସଭା ନ ଆୟକର ବିଲ୍ -୨୦୨୫ ଉପ୍ରେ ଚୟନ କମିଟିର୍ ରିପୋର୍ଟ ଉପସ୍ଥାପନ୍ କରିଛନ୍ । ଟିକସ୍ ବ୍ୟବସ୍ଥାକେ ସରଳ ଆଉ ଫଟିକ୍ କର୍ବାର୍ ଲାଗି କମିଟି ୨ ଶହ ୮୫ ଟା ସୁପାରିଶ୍ ଦାଖଲ୍ କରିଛେ ।

ସେନ୍ତା ଦୁର୍ନୀତି ମାମ୍ଲାଥି ସମ୍ପୃକ୍ତି ଅଭିଯୋଗ୍ ଆସିଥିବା ବିଚାର୍ପତି ଯଶ୍ୱନ୍ତ ବର୍ମାଙ୍କୁ ବହିଷ୍କାର୍ କର୍ବାର୍ ଲାଗି ଲୋକ୍ସଭାର୍ ଶହେ ୪୫ ଝନ୍ ସଦସ୍ୟ ବାଚସ୍ପତିଙ୍କୁ ସ୍ମାରକ୍ ପତ୍ର ଦେଇଥିଲେ । ବିରୋଧୀମାନ୍କର୍ ହୋହଲ୍ଲାକେ ନେଇକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍, ଆଲୋଚନାର୍ ଭିନ୍ ଭିନ୍ ବିଷେକେ ନେଇକରି କାର୍ଯ୍ୟ ପରାମର୍ଶଦାତା କମିଟିର୍ ବୈଠକ୍ ହେବା । ସର୍କାର୍ ସବୁ ବିଷେ ଉପ୍ରେ ଆଲୋଚନା କର୍ବାର୍ ଲାଗି ତୟାର୍ ଅଛନ୍ । ବିରୋଧୀ ସାଂସଦ୍ ମାନେ ଗୃହର୍ ମଝାକେ ଆସିକରି ହୋହଲ୍ଲା କର୍ବାର୍ଟା ଶୋଭା ନାଇଁ ଦେବାର୍ ବଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ । ସେଆଡ଼େ ରାଜ୍ୟ ସଭା ନ ଭିଲ୍ ହୋହଲ୍ଲା ଭିତ୍ରେ ଭାରତୀୟ ଲିଡିଂ ଅଧିନିୟମ୍ ୧୮୫୬ ଉଚ୍ଛେଦ୍ ବିଧେୟକ୍ ପାରିତ୍ ହେଇଯାଇଛେ । ବାର୍ବାର୍ ହୋହଲ୍ଲା ଉତ୍ରୁ ରାଜ୍ୟସଭା ଅଧ୍ୟକ୍ଷ ଗୃହକେ

ଆଏବାକାଏଲ୍ ଦିନର୍ ୧୧ ବଜେତକ୍ ମୁଲ୍ତବୀ ଘୋଷ୍ନା କରିଥିଲେ ।

ପିଏମ -ସେସନ          ଏନ୍ଏସ୍ଡି

ସଂସଦ୍ର ମୌସୁମୀ ଅଧିବେଶନ୍ ମୁଲ୍ ହେବାର୍ ଆଘୋନୁ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଗଣମାଧମ୍କେ ସମ୍ବୋଧିତ୍ କରିଛନ୍ । ପ୍ରଧାନ୍ମନ୍ତ୍ରୀ କହିଛନ୍, ସଂସଦ୍ର ଇ ମୌସୁମୀ ଅଧିବେଶନ୍ ସଦସ୍ୟମାନ୍କର୍ ମୂଲ୍ୟବାନ୍ ଆଲୋଚନା ଲାଗି ଫଳପ୍ରଦ ହେବାର୍ ସହେତେ ଗଣତନ୍ତ୍ରକେ ବର୍କସ୍ କର୍ବା । ମୌସୁମୀ ଅଧିବେଶନ୍ ମୁଲ୍ ହେବାର୍ ଆଘୋନୁ ପ୍ରଧାନ୍ମନ୍ତ୍ରୀ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ସଦସ୍ୟମାନ୍କୁ ଗୃହକାର୍ଯ୍ୟଥି ସହଯୋଗ୍ କର୍ବାର୍ ଲାଗି ଅନୁରୋଧ୍ କରିଛନ୍ ।

(ଭଏସ୍ ଓଭର- ପ୍ରଧାନ୍ମନ୍ତ୍ରୀ)

ପ୍ରଧାନ୍ମନ୍ତ୍ରୀ କହିଛନ୍, ଭାରତ୍ର ପ୍ରତିରକ୍ଷା ଶକ୍ତିକେ ସାରା ପୁର୍ଥି ଦେଖିଛେ । ସନ୍ତ୍ରାସବାଦ ହେଉ କି ନକ୍ସଲ୍ବାଦ, ଭାରତ୍ ଭିନ୍ ଭିନ୍ ହିଂସାତ୍ମକ ଆହ୍ୱାନ୍କେ ସଫଲତାର୍ ସହେତେ ମୁକାବିଲା କରିଛେ ।

ସେନ୍ତା ଭିନ୍ ଭିନ୍ ଦେଶେ ୟୁପିଆଇ ବ୍ୟବସ୍ଥା ଲୋକପ୍ରିୟ ହେବାର୍ ସହେତେ ଡିଜିଟାଲ୍ ଭାରତ୍ ଇହାଦେ ସାରା

ପୁର୍ଥି ନ ପ୍ରଭାବ୍ ପକେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ୨୦୨୪ ମସିହା ଆଘୋନୁ ବିଶ୍ୱ ଅର୍ଥନୀତିଥି ଭାରତ୍ ୧୦ ନମ୍ବର୍ ଠାନେ ଥିଲା ବେଲ୍‌କେ ଇହାଦେ ୩ ନମ୍ବର୍ ଅର୍ଥନୀତିକେ ପୁହୁଁଚିବାର୍‌କେ ଯାଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପ୍ଲାଷ୍ଟିକ୍ ବୁତଲ୍‌ଥି ପେଟ୍ରୋଲ୍ ବନ୍ଦ୍    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାସ୍ତାଘାଟେ ପ୍ଲାଷ୍ଟିକ୍ ବୁତଲ୍‌ଥି ପେଟ୍ରୋଲ୍ କି ଡିଜେଲ୍ ବିକ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ପ୍ଲାଷ୍ଟିକ୍ ବୁତଲ୍‌ଥି ଆଉ ପେଟ୍ରୋଲ୍ କି ଡିଜେଲ୍ ବିକ୍‌ବାର୍ ଲାଗି ଅନୁମତି ନାଇଁ ଦିଆଯାଏ । ଇତାର୍‌ବଦ୍‌ଲା କାଚ୍ ଆର୍ ଟିନ୍ ବୁତଲ୍‌ଥି ପେଟ୍ରୋଲ୍ ବିକ୍ରି ଲାଗି ଅନୁମତି ଦିଆଯିବା । ଆଏବା କାଏଲ୍‌ଠାନୁ ଭିନ୍ ଭିନ୍ ପେଟ୍ରୋଲ୍ ପମ୍ପ୍ ଠାନେ ଇତାର୍ ଉପ୍‌ରେ ଯାଂଚ୍ କରାଯିବା । ପେଟ୍ରୋଲ୍ ପମ୍ପ୍ ସଂଘ ସାଙ୍ଗେ ବୈଠକ୍ କରାଯିବାର୍ ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍ ଶପଥ      କଟକ୍ ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟର ନୂଆଁ ବିଚାର୍ପତି ଭାବେ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍ ଆଏଜ୍ ଶପଥ୍ ନେଇଛନ୍ । ହାଇକୋର୍ଟର ନୂଆଁ କୁଠା ନ ହେଇଥିବା ଶପଥ୍ ଗ୍ରହଣ୍ ସମାରୋହଥି ମୁଖ୍ୟ ବିଚାର୍ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଜଷ୍ଟିସ୍ ପାଠକ୍ଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଥିଲେ । ଗଲା ମେ ମାସ ସୁପ୍ରିମ୍କୋର୍ଟ କଲେଜିୟମ୍ ଗୌହାଟୀ ହାଇକୋର୍ଟର ବିଚାର୍ପତି ଜଷ୍ଟିସ୍ ପାଠକଙ୍କୁ ଓଡ଼ିଶା ହାଇକୋର୍ଟର ବିଚାର୍ପତି ଭାବେ ବଦ୍ଲି ଲାଗି ସୁପାରିଶ୍ କରିଥିଲା । ତାଙ୍କର୍ ବଦ୍ଲି ଲାଗି ଗଲା ସୋମ୍ବାର୍ ଦିନ ବିଜ୍ଞପ୍ତି ବାହାରିଥିଲା ।

ଖୁଲାଯିବା ବହୁମୁଖୀ ପେକ୍ସ      ହି.ସ.

ରାଏଜେ ଆଏବା ବଛରତକ୍ ଫି’ ପଂଚାୟତ୍ ନ ବହୁମୁଖୀ ପେକ୍ସ ଖୁଲାଯିବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ଇ ବହୁମୁଖୀ ପେକ୍ସ ଜରିଏ ଗ୍ରାମାଂଚଲ୍ ନ ଏଲ୍ପିଜି ଗେସ୍ ବଂଟାଯିବାର୍ ସହେତେ ଜନସେବା କେନ୍ଦ୍ର, ଜନଔଷଧୀ, ଓମ୍ଫେଡ୍ କେନ୍ଦ୍ର ଆଉ ପେଟ୍ରୋଲ୍ ପମ୍ପ୍

ଖୁଲାଯାଇପାର୍ବା । ବେଙ୍କ୍ ସୁବିଧା ନାଇଁଥିବା ଗାଁ ମାନ୍‌କେ ପେକ୍ସ ଜରିଏ ନୂଆଁ ବେଙ୍କ୍ ଭିଲ୍ ଖୁଲାଯିବା ବଲି ମନ୍ତ୍ରୀ ଶ୍ରୀବଳସାମନ୍ତ କହିଛନ୍ ।

ଯୁକ୍ତ ଦୁଇ -୨ ନମ୍ବର୍ ମେଧା ତାଲିକା ହି.ସ.

ଯୁକ୍ତ ଦୁଇ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ୨ ନମ୍ବର୍ ଖେପ୍ ମେଧା ତାଲିକା ଆଏଜ୍ ବାହାରିଛେ । ୨ ନମ୍ବର୍ ଖେପ୍‌ଥି ନାଁଲେଖାବାର୍‌କେ ୫୨ ହଜାର୍ ୯ ଶହ ୫୫ ଝନ୍ ଛାତ୍ରଛାତ୍ରୀ ବଛା ହେଇଛନ୍ । ଇ ଖେପ୍‌ଥି କଲେଜ୍ ବଦ୍‌ଲାବାର୍ ଲାଗି ୨୮ ହଜାର୍ ୩ ଶହ ୧୩ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ ବଲି ଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ବଳାଙ୍ଗା ଦୁର୍ଘଟଣା ହି.ସ.

ପୁରୀ ଜିଲ୍ଲା ବଳଙ୍ଗା ଠାନେ ଘଟିଥିବା ଅଘଟନ୍‌ର ତଦନ୍ତ ୫ ଝନିଆ କ୍ରାଇମ୍‌ବ୍ରାଂଚ୍ ଟିମ୍ ମୁଲ୍ କରିଛନ୍ । କ୍ରାଇମ୍‌ବ୍ରାଂଚ୍ ଟିମ୍ ଆଂଚଲିକ୍ ଥାନାକେ ପୁହୁଁଚିକରି ଘଟ୍‌ନା ବାବଦ୍ ତଥ୍ୟ ସଂଗ୍ରହ କରିଛନ୍ । ଇତାର୍‌ସହେତେ ପିଡ଼ିତାଙ୍କର୍ ଘର୍ ଆଉ

ତାଙ୍କୁ ଉଦ୍ଧାର୍ କରିଥିବା ଲୁକ୍‌କୁ ଭେଟିକରି ପଚ୍‌ରା ଉଚ୍‌ରା କରିଛନ୍ । ସେଆଡ୍ରେ ପିଡ଼ିତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜ୍‌ନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏଜ୍ ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜ୍‌ନା ଅଧୀନ୍‌ଥି ଚିକିତ୍ସାସେବା ମୁଲ୍ ହେଇଛେ । ଯୋଜ୍‌ନା ଅଧୀନ୍‌ଥି ୪ ଦିନ୍ ଧରିକରି ରାଜ୍ୟର୍ ବିଶେଷଜ୍ଞ ଡାକ୍ତର୍‌ମାନେ ଜିଲ୍ଲାର୍ ରୋଗୀମାନ୍‌କର୍ ସୁପର୍ ସ୍ପେଶାଲିଟି ଚିକିତ୍ସା ମୁଲ୍ କରିଛନ୍ । ଆଏଜ୍ ଦିନର୍ ୧୦ ବଜେ ୬ ଝନିଆ ବିଶେଷଜ୍ଞ ଡାକ୍ତରୀ ଦଲ୍ ବିମାନ୍‌ଥି ଗୋତମା ବିମାନ୍ ବନ୍ଦର୍‌କେ ପୁହୁଁଚିଲା ଉତ୍‌ରୁ ସେମାନ୍‌କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ତର୍‌ଫୁ ସ୍ୱାଗତ୍ କରାଯାଇଥିଲା । ଡାକ୍ତରୀ ଦଲ୍ ମୁଖ୍ୟ ଡାକ୍ତର୍‌ଖାନାକେ ଯାଇକରି ଚିକିତ୍ସା ମୁଲ୍ କରିଥିଲେ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ବୌଦ୍ଧ/ ସୁବର୍ଣ୍ଣପୁର୍/ ନୂଆପଡ଼ା/ ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୩ ଟା ଅଭିଯୋଗ୍ ଆସିଥିଲା । ସେଥୁ ୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ଗୁଟେ ଦର୍‌ଖାସ୍ତକେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ସାହାଜ୍ ଲାଗି ପଠାଯାଇଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୫୮ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୨୫ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ହେଇଥିବା ଶିବିର୍‌ଥି ୫୮ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ରାଇତାବାହାଲ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୫ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

## ଦୁର୍ଘଟଣା ମୃତ୍ୟୁ- ମୁଖ୍ୟମନ୍ତ୍ରୀ ସାହାଜ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟିକର୍‌ପଡ଼ା ପଂଚାୟତ୍ ଚରିଆପାଲି ଗାଁର୍ ସଡ଼କ୍ ଦୁର୍ଘଟଣାଥି ଗୁଟେ ପରିବାର୍‌ର ଦୁଇଝନ୍ ଜୀବନ୍ ହରେଇଥିବା ଲୁକ୍‌କର୍ ପରିବାରକେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଆଏଜ୍ ସାହାଜ୍ ଦିଆଯାଇଛେ । ମୃତକଙ୍କର ପତ୍ନୀଙ୍କୁ ୮ ଲାଖ୍ ଟଙ୍କାର୍ ଅନୁକମ୍ପା ସହାୟତା ଦିଆଯାଇଥିଲା । ଉପଜିଲ୍ଲାପାଲ୍ ପ୍ରବୀଣ୍ କୁମାର୍ ବାଣୁଆ ଆର୍ ଅଲ୍‌ଗା ଅଧିକାରୀମାନେ ଚରିଆପାଲି ଗାଁକେ ଯାଇକରି ଇ ସାହାଜ୍ ଟଙ୍କା ଯୁଗେଇ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ମେ ମାସର୍ ୨୭ ତାରିଖ୍ ଦିନ ଜିଲ୍ଲାର୍ ବଘିଆପଡ଼ା ଫାଣ୍ଡିର ଗଣ୍ଡିସର୍ ଠାନେ ଗୁଟେ ବାଇକ୍ ଦୁର୍ଘଟଣାଥି ବାପ୍, ଝି' ଙ୍କର୍ ଜୀବନ୍ ଯାଇଥିଲା ।

ବିଦ୍ୟାଲୟ ସମ୍ମିଶ୍ରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବନ୍ଦ୍ ହେଇଥିବା ୪୬ ଟା ବିଦ୍ୟାଲୟ ଏବ୍‌ତକ୍ ଖୁଲାଯାଇଥିଲା ବେଲେ ଆଉ ୪ ଟା ବିଦ୍ୟାଲୟ ଖୁଲ୍‌ବାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଦ୍ୟାଲୟମାନ୍‌କର୍ ଭିତିଭୂମିର୍ ମରାମତି କରିକରି ତୁର୍‌ତି

ଖୁଲ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କର୍ କମ୍ ଉପସ୍ଥାନ୍ ଲାଗି ରାଜ୍ୟର୍ ସାଢ଼େ ୭ ହଜାର୍ ନୁ ଅଏତ୍‌କା ବିଦ୍ୟାଳୟକେ ମିଶେଇ ଦେବାର୍ ଲାଗି ନିଷ୍ପତି ନିଆଯାଇଥିଲା ।

ଶ୍ରାବଣ୍ ସୋମ୍‌ବାର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ମହାଦେବ୍ ମନ୍ଦିର୍ ମାନ୍‌କେ ଶରାବନ୍‌ର ୨ ନମ୍ବର୍ ସୋମ୍‌ବାର୍ ଲାଗି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛେ । ଜିଲ୍ଲାର୍ ଅଷ୍ଟଶମ୍ଭୁ ପୀଠ ମାନ୍‌କେ ଶ୍ରଦ୍ଧାଳୁମାନେ ଦର୍ଶନ୍ କରିକରି ଜଳାଭିଷେକ୍ କରିଛନ୍ । ବାବା ପଶ୍ଚିମ ସୋମନାଥ ଆଏଜ୍ ବଡ଼ସିଂହାର ବେଶଥି ଭକ୍ତଙ୍କୁ ଦର୍ଶନ୍ ଦଉଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଏବା ୨୪ ତାରିଖ୍ ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିପାରେ । ଇତାର୍‌ବଲେ ଆଏଜ୍‌ଠାନୁ ଦକ୍ଷିଣ ଓଡ଼ିଶା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ କଳାହାଣ୍ଡି, ସୁନ୍ଦର୍‌ଗଡ଼୍ ସହେତେ ୧୧ ଟା

ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଇଛେ । ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ସ୍ତର୍ ୬ ଶହ ୧୦ ଦଶ୍‌ମିକ୍ ୭/୭ ଫୁଟ୍ ରହିଛେ ।